# Akashvani, Sambalpur

## SAMBALPURI NEWS EVENING BULLETIN

**27 April 2025- 7.02 pm- 7.12 pm.**

*********************************************

୧- ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍‌ନାଥି ଜଡ଼ିତ୍ ଥିବା ଲୁକ୍‌କର୍ ବିରୋଧିଥି ନିଆଯିବା କଡ଼ା କାର୍ଯ୍ୟାନୁଷ୍ଠାନ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ପ୍ରାକୃତିକ୍ ବିପର୍ଯ୍ୟୟ ବାବ୍‌ଦେ ଅଏତ୍‌କା ସୂଚ୍‌ନା ପାଏବାର୍ ଲାଗି ସଚେତ୍ ଆପ୍ ବେଭାର୍ କର୍‌ବାର୍‌କେ ଦେଲେ ପରାମର୍ଶ ।

୨- ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍ ବନ୍ଦ୍ ରହେବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ।

୩- ପିଇବାର୍ ପାଏନ୍ ସମସ୍ୟାର୍ ସମାଧାନ୍ ଲାଗି ରାଜ୍ୟ ସର୍‌କାର୍ ୨୪ ହଜାର୍ ନୂଆଁ ନଲ୍‌କୂଆଁ ଥାପ୍‌ନା କର୍‌ବେ - କହେଲେ ପଂଚାୟତିରାଜ୍ ମନ୍ତ୍ରୀ ।

ଆଉର୍

୪- ରାଜ୍ୟର୍ ୯ ଟା ଜିଲ୍ଲା ନ ଧୁକାଗର୍ଡ୍ଡି ସାଙ୍ଗେ ହେବା ବର୍ଷା - ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ମନ୍ କି ବାତ୍        ଏନ୍ଏସ୍ଡି

ଜମ୍ମୁ କାଶ୍ମୀର୍ର ପେହେଲ୍ଗାମ୍ ନ ହେଇଥିବା ଆତଙ୍କବାଦୀ ଆକ୍ରମଣ୍ ଘଟ୍ନା ସାରା ଦେଶର୍ ଲୁକ୍କୁ ଗଭୀର୍ ଆଘାତ୍ ଦେଇଛେ । ଆତଙ୍କବାଦୀଙ୍କର୍ ବିରୋଧିଥି ଇହାଦେ ସାରା ଦେଶ୍ ଏକ୍ ହେଇକରି ଠିଆ ହେଇଛେ । ଆକ୍ରମଣ୍କାରୀ ଆଉ ଘଟ୍ନାର୍ ଷଡ଼୍ଯନ୍ତ୍ରଥି ସାମିଲ୍ ଥିବା ଲୁକ୍କୁ କଡ଼ା ନୁ କଡ଼ା ଶାସ୍ତି ଦିଆଯିବା ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ଥି ସାରା ଦେଶର୍ ଲୁକ୍କୁ ସମ୍ବୋଧନ୍ କରିକରି ପ୍ରଧାନ୍ମନ୍ତ୍ରୀ କହିଛନ୍, ଇ ଆକ୍ରମଣ୍ ଆତଙ୍କବାଦୀ ଆଉ ଇତାକେ ତହଁକଉଥିବା ଲୁକ୍କର୍ ହତାଶା ଆଉ ଅସହିଷ୍ଣୁତାକେ ଦେଖଉଛେ । ସେମାନେ କାଶ୍ମୀର୍ଥି ଶାନ୍ତି ଆଉ ଗଣତନ୍ତ୍ର ଫେର୍ଘାଏ ନାଇଁ ଫରୁ ବଲି ଚାହୁଁଛନ୍ ବଲି ପ୍ରଧାନ୍ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।...

(ଭଏସ୍ ଓଭର୍- ପେହେଲ୍ଗାମ୍ ଆକ୍ରମଣ୍)

ଆତଙ୍କବାଦ୍ ବିରୋଧ୍ ଯୁଦ୍ଧଥି ଦେଶର୍ ସବୁନୁ ବଡ଼ ଶକ୍ତି ହେଉଛେ ଆମର୍ ଏକତା ଇ ଆହ୍ୱାନ୍ର ମୁକାବିଲା କର୍ବାର୍ ଲାଗି ସଂକଳ୍ପକେ ଜବର୍ କର୍ବାର୍ ଆବଶ୍ୟକତା ଉପ୍ରେ ପ୍ରଧାନ୍ମନ୍ତ୍ରୀ ଜୋର୍ ଦେଇଛନ୍ । ପେହେଲ୍ଗାମ୍ ଆକ୍ରମଣ୍ ଘଟ୍ନାଥି ସାରା ପୁର୍ଥି ଇହାଦେ ସମବେଦନା ଜନଉଛେ । ଇ ଲଢ଼େଇଥି ଶହେ ୪୦ କୋଟି ଭାରତୀୟଙ୍କର୍ ସହେତେ ସାରା

ପୁର୍ଥିର୍ ଲୋକ୍ ଇହାଦେ ସାଙ୍ଗେ ଅଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

୨ ଦିନ୍ ତଲେ ପରଲୋକ ଯାଇଥିବା ବିଶିଷ୍ଟ ମହାକାଶ୍ ବିଜ୍ଞାନୀ ଡକ୍ଟର୍ କେ.କସ୍ତୁରୀରଙ୍ଗନ୍‌ଙ୍କୁ ପ୍ରଧାନ୍‌ମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ତାଙ୍କର୍ ନେତୃତ୍ୱଥି ଇସ୍ରୋ ଗୁଟେ ନୂଆଁ ପରିଚୟ ପାଇଥିଲା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଦେଶର୍ ନୂଆଁ ଜାତୀୟ ଶିକ୍ଷାନୀତି ଲାଗୁ କର୍‌ବାର୍‌ଥି ତାଙ୍କର୍ ବହୁତ୍ ବଡ଼ ଭୂମିକା ରହିଥିଲା ବଲି ଶ୍ରୀ ମୋଦୀ କହିଛନ୍ ।

ଇ ମାସେ ଆର୍ଯ୍ୟଭଟ୍ଟ ଉପଗ୍ରହ ଉତ୍କ୍ଷେପଣ୍‌ର ୫୦ ବଛର୍ ପୂର୍ତ୍ତି ପାଲନ୍ କରାଯାଇଛେ । ଦୃଢ଼ ନିଷ୍ଠା ସାଙ୍ଗେ ୫୦ ବଛର୍‌ର ଇ ଯାତ୍ରା ଭାରତ୍‌କେ ଗୁଟେ ବିଶ୍ୱ ମହାଶକ୍ତି ବନେଇପାରିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍....

(ଭଏସ୍ ଓଭର୍-ବିଶ୍ୱ ମହାକାଶ୍)

ଦେଶେ ଚିକିତ୍ସା ସୁବିଧା ଧିରେ ଧିରେ ଉନ୍ନତ୍ ହେଉଛେ ଆଉ ଅଲ୍‌ଗା ଦେଶର୍ ନାଗରିକ୍ ଇଥୁ ଉପକୃତ ହେଉଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଜନମ୍‌ନୁ ହୃଦ୍‌ରୋଗ୍‌ଥି ପିଡ଼ିତ ଛୁଆମାନ୍‌କୁ ଚିକିତ୍ସା ଲାଗି ଭାରତ୍ ପଠାବାର୍ ଲାଗି ଆଫ୍ରିକାର୍ ଇଥିଓପିଆର ପ୍ରବାସୀ ଭାରତୀୟଙ୍କର୍ ଚେରେଷ୍ଟା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ କହିଛନ୍ । ଭିନ୍ ଭିନ୍ ଦେଶ୍‌କେ ଭାରତ୍ ପଠଉଥିବା ଚିକିତ୍ସା ସାହାଜ୍ ବାବ୍‌ଦେ ଭିଲ୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ପ୍ରଧାନ୍‌ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ପ୍ରାକୃତିକ୍ ବିପର୍ଯ୍ୟୟ ବାବ୍‌ଦେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର୍ ଦ୍ୱାରା ବିକଶିତ୍ ସଚେତ୍ ଆପ୍ ଆଂଚଲିକ୍ ଭାଷାଥି ସୂଚ୍‌ନା ଦେଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍‌ଫ

ମହାକାଶ୍ କ୍ଷେତ୍ରକେ ତୁର୍‌ତି କର୍‌ବାର୍ ଲକ୍ଷ୍ୟଥି ଘରୋଇ ସଂସ୍ଥାମାନ୍‌କୁ ଖୁଲା ରଖାଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ୟୁଆନ୍ ବର୍ଗ ମହାକାଶ୍ ଷ୍ଟାଟ୍‌ଅପ୍ କ୍ଷେତ୍ରଥି ଉଲ୍ଲେଖନୀୟ ସହଯୋଗ୍ କରୁଛନ୍ ଆଉ ଇହାଦେ ଦେଶେ ୩ ଶହ ୨୫ ନୁ ଅଏତ୍‌କା ମହାକାଶ୍ କ୍ଷେତ୍ର ଷ୍ଟାଟ୍‌ଅପ୍ କାମ୍ କରୁଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଆଝିର୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ମହାତ୍ମାଗାନ୍ଧୀଙ୍କର୍ ନେତୃତ୍ୱଥି ୧୯୧୭ ମସିହାର୍ ଚମ୍ପାରଣ୍ ସତ୍ୟାଗ୍ରହ ବାବ୍‌ଦେ ସୋର୍ ପକେଇଥିଲେ । ଦେଶର୍ ପହେଲା ରାଷ୍ଟ୍ରପତି ଡକ୍ଟର୍ ରାଜେନ୍ଦ୍ର ପ୍ରସାଦ୍‌ଙ୍କର୍ ବହି 'ଚମ୍ପାରଣରେ ସତ୍ୟାଗ୍ରହ' କେ ପଢ଼୍‌ବାର୍ ଲାଗି ସମ୍‌କୁ ପରାମର୍ଶ ଦେଇଛନ୍ ।

ଏକ୍ ପେଡ୍ ମା କେ ନାମ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଆଏବା ଜୁନ୍ ମାସର୍ ୫ ତାରିଖ୍‌ଥି ବିଶ୍ୱ ପରିବେଶ୍ ଦିବସ୍ ପାଲନ୍ ଅବ୍‌ସରେ ଇ ଅଭିଯାନ୍‌କେ ବଛ୍‌ରେ ପୁର୍‌ବା । ଦେଶ୍ ଆଉ ବିଦେଶ୍‌ର ଲୋକ୍ ଇ ଅଭିଯାନ୍‌କେ ସାମିଲ୍ ହେଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଖୁସି ଜାହିର୍ କରିଛନ୍ ।

(ଭଏସ୍ ଓଭର୍- ଏକ୍ ପେଡ୍ ମା କେ ନାମ୍)

ଏପ୍ରିଲ୍ ମାସର୍ ଉଲ୍ଲେଖନୀୟ ଘଟ୍ନାକେ ସୋର୍ ପକେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ୬ ତାରିଖ୍ ମହାତ୍ମାଗାନ୍ଧୀଙ୍କର୍ ଦାଣ୍ଡି ଯାତ୍ରା ଶେଷ୍ ହେଇଥିଲା । ୨୪ ଦିନ୍ ଧରିକରି ଚାଲିଥିବା ଇ ପଦଯାତ୍ରା ବ୍ରିଟିଶ୍ ଶାସନ୍‌କେ ହଲେଇ ଦେଇଥିଲା । ଆଏବା ମାସର୍ ୧୦ ତାରିଖ୍ ପହେଲା ସ୍ୱାଧୀନତା ସଂଗ୍ରାମ୍ ବାର୍ଷିକୀ ପାଲନ୍ କରାଯିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସ୍ୱାଧୀନତା ସଂଗ୍ରାମୀ ମାନ୍‌କର୍ ପ୍ରେରଣା ଦେଶ୍‌କେ ସତ୍‌ମାର୍ଗଥି ଆଗ୍‌କେ ନେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ଆଏବା କାଏଲ୍ ବନ୍ଦ ରହେବା । ଜରୁରୀ କାମ୍ ଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଥିବାର୍ ବେଲେ ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ- ଗଞ୍ଜାମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଞ୍ଜାମ୍ ଜିଲ୍ଲା ଗସ୍ତଥି ଯାଇକରି ପାତ୍ରପୁର୍ ବ୍ଲକ୍‌ର ଭୀମପୁର୍ ଉନ୍ନୀତ ଉଚ୍ଚବିଦ୍ୟାଲୟର୍ ଶତବାର୍ଷିକୀ ଉସ୍ଵବ୍‌ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଜାତୀୟ ଶିକ୍ଷାନୀତି -୨୦୨୦ ଛାତ୍ରଛାତ୍ରୀମାନ୍‌କର୍ ସର୍ବାଙ୍ଗିନ ବିକାଶ୍ ଦିଗେ ସାହାଜ୍ କର୍‌ବା । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ ସଖାଲ୍‌ବେଲା ବ୍ରହ୍ମପୁର୍ ନ ଥିବା ମା ବୁଢ଼ିଠାକୁରାଣୀଙ୍କର୍ ଦ୍ୱିବାର୍ଷିକୀ ଯାତ୍ରାର୍ ଅସ୍ଥାୟୀ ମଣ୍ଡପ୍ ଠାନେ ପୂଜାର୍ଚ୍ଚନା କରିଥିଲେ ।

ଜଳଯୋଗାଣ-ପଂଚାୟତିରାଜ୍ ମନ୍ତ୍ରୀ/ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜଳଯୋଗାଣ ଲାଗି ସାଢ଼େ ୫ ଶହ କୋଟି ଟଙ୍କା ଭିନ୍ ଭିନ୍ ଜିଲ୍ଲାମାନ୍‌କୁ ଯୁଗେଇ ଦିଆଯାଇଛେ ବଲି ପାନୀୟ ଜଳଯୋଗାଣ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ବଢ଼୍‌ତି ଖରାକେ ନେଇକରି ରାଏଜେ ଜଳଯୋଗାଣ ଲାଗି କେନ୍‌ସି ଅସୁବିଧା ଯେନ୍ତା ନାଇଁ ହୁଏ ଆଉ ଯେନ୍ ଜାଗା ନ ପାଏନ୍ ନାଇଁ ମିଲୁଥିବା ସେନ ଟେଙ୍କର୍‌ଥି ପାଏନ୍ ଯୁଗେଇ ଦିଆଯିବା ବଲି ମନ୍ତ୍ରୀ କହିଛନ୍ । ଇ ବଛର୍ ରାଏଜେ ୨୪ ହଜାର୍ ନୂଆଁ ନଲ୍‌କୂଆଁ ଥାପ୍‌ନା କରାଯାଇଛେ । ସେ ଭିତ୍‌ରୁ ୯ ହଜାର୍‌ନୁ ଅଏତ୍‌କା

ନଲ୍‌କୂଅଁା ଥାପ୍‌ନା କାମ୍ ଶେଷ୍ ହେଇଛେ । ସେନ୍ତା ଜଳଯୋଗାଣ ଲାଗି ୨ ଶହ ୭୨ ଟା ମେଗା ପ୍ରକଳ୍ପ କାମ୍ ଚାଲିଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ବାତ୍ୟା ମୁକାବିଲା ବୈଠକ୍            ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ନ ଆଏବା ମଙ୍ଗଲ୍‌ବାର୍ ଦିନ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧକ୍ଷତାଥି ପ୍ରାକ୍ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ୍ ବସ୍‌ବା । ଇଥିର୍‌ଲାଗି ରାଜ୍ୟ ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଭିନ୍ ଭିନ୍ ବିଭାଗ୍‌ର ମୁଖିଆମାନ୍‌କୁ ଜନେଇ ଦିଆଯାଇଛେ । ଇଥି ୭ ଟା ମୁଖ୍ୟ ବିଷୟବସ୍ତୁ ଉପ୍‌ରେ ଆଲୋଚନା କରାଯିବା । ବୈଠକ୍‌ଥି ଗୃହ, ଜଳସମ୍ପଦ୍, ସ୍ୱାସ୍ଥ୍ୟ, ପଶୁପାଲନ୍, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ୍, ନଗର୍ ଉନ୍ନୟନ୍ ପଂଚାୟତିରାଜ୍, ମହିଳା ଆଉ ଶିଶୁ ବିକାଶ୍ ଆଉର୍ କୃଷି ବିଭାଗ୍ ତର୍‌ଫୁ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ନେଇକରି ଭିନ୍ ଭିନ୍ ତଥ୍ୟ ଉପସ୍ଥାପନ୍ କରାଯିବା । ଖରାଦିନେ ଖାସ୍ କରି ବାତ୍ୟାର୍ ଡର୍ ରହେସି । ସେଥିର୍‌ଲାଗି ବାତ୍ୟାର୍ ସଫଲ୍ ମୁକାବିଲା ଆଉ ଶୂନ୍ୟ ଜୀବନ୍‌ହାନୀ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ସର୍‌କାର୍ ଆଗ୍‌ତୁରା ପ୍ରସ୍ତୁତି ବୈଠକ୍ ଡାକିଛନ୍ ବଲି ଜନାପଡ଼ିଛେ ।

ଜଲ୍‌ସେଚନ୍ ପ୍ରକଳ୍ପ-ଜିଲ୍ଲାପାଲ୍       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଭିନ୍ ଭିନ୍ ଜଲ୍‌ସେଚନ୍ ପ୍ରକଳ୍ପ ପରିଦର୍ଶନ୍ କରିକରି ସମୀକ୍ଷା କରିଛନ୍ । ମର୍ଯ୍ୟାକୁଦ ଆର୍ ଖଣ୍ଡିଧଲପୁର୍ ଠାନେ ପ୍ରସ୍ତାବିତ ଜଲ୍‌ସେଚନ୍ ପ୍ରକଳ୍ପ ଲାଗି ବଛାହେଇଥିବା ଜାଗା ସହେତେ ହର୍‌ଭଙ୍ଗା ବ୍ଲକ୍ ଖଣ୍ଡି, କୁଡ଼ାସିଙ୍ଗା ନ ତିଆରି ଚାଲିଥିବା ଜଲ୍‌ସେଚନ୍ ପ୍ରକଳ୍ପକେ ଭିଲ୍ ଜିଲ୍ଲାପାଲ୍ ବୁଲି ଦେଖିଛନ୍ । ସେଠାନେ ଗାଁର୍ ଲୁକ୍‌କର୍ ଅଭିଯୋଗ୍ ଶୁନିକରି ସେସବୁର୍ ତୁର୍‌ତି ସମାଧାନ୍ ଲାଗି ଗୋଷ୍ଠୀ ଉନ୍ନୟନ୍ ଅଧିକାରୀଙ୍କୁ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ନିଟ୍ ସୁପର୍‌ସ୍ପେଶାଲିଟି ପରୀକ୍ଷା       ଆର୍‌ଏନ୍‌ୟୁ/ ସମ୍ବଲପୁର

ସର୍ବଭାରତୀୟ ନିଟ୍ ସୁପର୍‌ସ୍ପେଶାଲିଟି ପରୀକ୍ଷାଥି ବଲାଙ୍ଗିର୍ ଜିଲ୍ଲାର୍ କଂଟାବାଞ୍ଜିର୍ ୟଶ୍ ଜୈନ୍ ପହେଲା ଠାନ୍ ପାଇଛନ୍ । ଇ ସଫଲତା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍, ୟଶ୍‌ଙ୍କର୍ ସଫଲତା ରାଜ୍ୟର୍ ଛାତ୍ରଛାତ୍ରୀମାନ୍‌କୁ ଆଗ୍‌କେ ବଢ଼୍‌ବାର୍ ଲାଗି ପ୍ରେରଣା ଦେବା ।

କଳିଙ୍ଗ ସୁପର୍ କପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ୩ ନମ୍ବର୍ କ୍ୱାଟର୍ ଫାଇନାଲ୍ ମେଚ୍ ଇଂଟର୍‌କାସି ଏଫ୍.ସି. ଆର୍ ମୁମ୍ବାଇ ସିଟି ଏଫ୍.ସି. ଭିତ୍‌ରେ ଉପର୍‌ବେଲା ସାଢ଼େ ୪ ବଜେ ହେଇଥିବାର୍ ବେଲେ ୪ ନମ୍ବର୍ କ୍ୱାଟର୍ ଫାଇନାଲ୍ ମେଚ୍ ନର୍ଥଇଷ୍ଟ ୟୁନାଇଟେଡ଼୍ ଏଫ୍.ସି. ଆର୍ ଜମ୍‌ସେଦ୍‌ପୁର୍ ଏଫ୍.ସି. ଭିତ୍‌ରେ ରାତିର୍ ୮ ବଜେ ଖେଲାଯିବା ।

ଆଏବା ୩୦ ତାରିଖ୍ ଦିନ ଟୁର୍ଣ୍ଣାମେଂଟ୍‌ର ସେମିଫାଇନାଲ୍ ଆର୍ ମେ ୩ ତାରିଖ୍ ଦିନ ଫାଇନାଲ୍ ମେଚ୍ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ତାତି ଟିକେ କମିଛେ । ରାଜ୍ୟର୍ ସବୁ ଜିଲ୍ଲା ନ ତାପମାତ୍ରା ୪୦ ଡିଗ୍ରୀ ତଲେ ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା କାଏଲ୍‌ତକ୍ ସମ୍ବଲ୍‌ପୁର୍ ଝାର୍‌ସୁଗୁଡ଼ା, ବର୍‌ଗଡ଼୍ ଆର୍ ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୯ ଟା ଜିଲ୍ଲା ନ

ଧୂଳାଗର୍ଡ଼ି ସାଙ୍ଗେ ବର୍ଷା ଲାଗି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।